# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11th February – 2026

******************************

## ମୁଖ୍ୟ ସମ୍ବାଦ

- ଜାତୀୟ ସଙ୍ଗୀତ ପୂର୍ବରୁ ଗାନ କରାଯିବ ବନ୍ଦେ ମାତରମ୍; ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଲା ନୂତନ ବିଜ୍ଞପ୍ତି ।

- ରାଜ୍ୟ ସରକାର ମହିଳା ନେତୃତ୍ୱାଧୀନ ବିକାଶ ଆଦର୍ଶରେ ବିଶ୍ୱାସ କରନ୍ତି କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- ଭୁବନେଶ୍ୱରଠାରେ ବନୀକରଣ ପ୍ରକଳ୍ପର ଚତୁର୍ଦ୍ଦଶ ଜାତୀୟ କର୍ମଶାଳା ଉଦ୍‌ଘାଟିତ ।

ଏବଂ

- ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ଭାରତ ଓ ବେଲ୍‌ଜିୟମ୍ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

*Desk*

# ବନ୍ଦେ ମାତରମ୍

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌କୁ ନେଇ ଆଜି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନୂତନ ବିଜ୍ଞପ୍ତି ପ୍ରକାଶ ପାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ସ୍କୁଲ୍ ଓ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତ ଜନ-ଗଣ-ମନ ପୂର୍ବରୁ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ଗାନ କରିବା ବାଧ୍ୟତାମୂଳକ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ପଦ୍ମ ପୁରସ୍କାର ଓ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ, ସିନେମା ହଲ୍ ଭଳି ସାର୍ବଜନୀନ ସ୍ଥାନରେ ବନ୍ଦେ ମାତରମ୍ ଗାନ କରାଯିବା ବାଧ୍ୟତାମୂଳକ । ଏହି ସମୟରେ ସାବଧାନ ଭଙ୍ଗୀରେ ରହିବାକୁ ନିର୍ଦ୍ଦେଶ ରହିଛି । ଯଦି କେହି ଏହାର ଅସମ୍ମାନ କରନ୍ତି, ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି ।

*Desk*

# ମହିଳା ଆୟୋଗ ପ୍ରତିଷ୍ଠା ଦିବସ

ରାଜ୍ୟର ମହିଳାଙ୍କ ସଶକ୍ତୀକରଣ, ସୁରକ୍ଷା ଅଧିକାରକୁ ଅକ୍ଷୁଣ୍ଣ ରଖିବାରେ ମହିଳା ଆୟୋଗର ଉଲ୍ଲେଖନୀୟ ଭୂମିକା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ

କକ୍ଷରେ ଆୟୋଜିତ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ରାଜ୍ୟ ସରକାର ମହିଳା ନେତୃତ୍ୱାଧୀନ ବିକାଶ ଆଦର୍ଶରେ ବିଶ୍ୱାସ କରନ୍ତି । କାର୍ଯ୍ୟକ୍ରମରେ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇ କହିଛନ୍ତି, ଗରିବ ଓ ଅସହାୟ ମହିଳାଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଆଇନ ସହାୟତା ଯୋଗାଇ ଦିଆଯାଉଛି । ଥାନାଗୁଡ଼ିକରେ ଥିବା ମହିଳା ଓ ଶିଶୁ ଡେସ୍କଗୁଡ଼ିକର ତଦାରଖପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯାଉଛି । ରାଜ୍ୟ ସରକାର ମହିଳାଙ୍କ ପ୍ରତି ଅପରାଧ ବିରୋଧରେ ଶୂନ୍ୟସହନଶୀଳତା ନୀତି ଆପଣାଇଛନ୍ତି ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି ।

***BBSR/R***

## ବନୀକରଣ ପ୍ରକଳ୍ପ କର୍ମଶାଳା

ବିଶ୍ୱ ଜଳବାୟୁ ସଙ୍କଟର ମୁକାବିଲା, ପରିବେଶ ସୁରକ୍ଷା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ନିର୍ବାହ କ୍ଷେତ୍ରରେ ସୁସ୍ଥ ବନ୍ୟ ପରିସଂସ୍ଥାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି । ଭୁବନେଶ୍ୱରଠାରେ ବନୀକରଣ ପ୍ରକଳ୍ପର ଚତୁର୍ଦ୍ଦଶ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ଖୁଣ୍ଟିଆ କହିଛନ୍ତି, ଭାରତର ପ୍ରାକୃତିକ ସମ୍ପଦ ଏବଂ ଅସହାୟ ଜନସାଧାରଣଙ୍କ ସୁରକ୍ଷାପାଇଁ ଜାପାନ ସରକାରଙ୍କର ନିରନ୍ତର ସହଯୋଗ ରହିଛି । ରାଜ୍ୟରେ ହାତୀ

ଆକ୍ରମଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି । ଏନେଇ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ହାତୀ ଚଲାପଥ ଓ କରିଡରର ବ୍ୟବସ୍ଥା କରାଯାଇଛି ।

***Voice (G.R.S. Khuntia)*** :........

ଚଳିତ ବର୍ଷର ବିଷୟବସ୍ତୁ ରହିଛି "ଭବିଷ୍ୟତପାଇଁ ପ୍ରସ୍ତୁତ ବନୀକରଣ : ଜଳବାୟୁ ସହନଶୀଳତା, ଡିଜିଟାଲ୍ ରୂପାନ୍ତରଣ ଏବଂ ସ୍ଥାୟୀ କାଷ୍ଠ ଅର୍ଥନୀତି" । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କର୍ମଶାଳା ଚାଲିବ ।

***Desk***

## ବି.ଏଲ୍.ଓ. ସମୀକ୍ଷା

ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୋଟର୍ ତାଲିକା ସଂଶୋଧନ, ନୂତନ ଭୋଟରଙ୍କ ନାମ ସଂଯୋଗୀକରଣ, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା, ତଥ୍ୟ ସତ୍ୟାପନ ଓ ଘରେ ଘରେ ଯାଞ୍ଚକାର୍ଯ୍ୟ, ତ୍ରୁଟିଶୂନ୍ୟ ଭୋଟର୍ ତାଲିକା ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାର ଆର୍.ଏସ୍. ଗୋପାଳନ୍ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜର୍‌ମାନଙ୍କୁ ଅବଗତ କରାଇଥିଲେ ।

*Desk*

## ବୁଝାମଣାପତ୍ର

ରାଜ୍ୟରେ ସ୍ଥାୟୀ, ଭବିଷ୍ୟତ ଉପଯୋଗ ଏବଂ ନାଗରିକକୈନ୍ଦ୍ରିକ ସହର ଗଠନ ଦିଗରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଆଇ.ଆଇ.ଟି. କାନପୁରର ଐରାବତ ଗବେଷଣା ସଂସ୍ଥା ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ସହଭାଗିତା ମାଧ୍ୟମରେ ରାଜ୍ୟର ସହରାଞ୍ଚଳ ପ୍ରଶାସନରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗକୁ ଅଧିକ ସୁଦୃଢ଼ କରାଯିବ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ।

*Nabarangpur, Nayagarh, Bhadrak/R*

## ଦୀନଦୟାଲ୍ ପୁଣ୍ୟତିଥି

ନବରଙ୍ଗପୁର ଜିଲ୍ଲା ଉମରକୋଟ ବି.ଜେ.ପି. କାର୍ଯ୍ୟାଳୟଠାରେ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି । ସ୍ୱଦେଶୀ ଅର୍ଥବ୍ୟବସ୍ଥା, ଆତ୍ମନିର୍ଭର ଭାରତ ପରିକଳ୍ପନା ଏବଂ ସମୃଦ୍ଧ ଭାରତ ଗଢ଼ିବା ତାଙ୍କର ଦୂରଦୃଷ୍ଟି ଚିନ୍ତାଧାରା ରହିଥିଲା ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାଠାରେ ଅନୁଷ୍ଠିତ ସମର୍ପଣ ଦିବସରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କହିଛନ୍ତି, ପଣ୍ଡିତ ଦୀନଦୟାଲ୍ ଦେଶାନୁକୂଳ ଏବଂ ଯୁଗାନୁକୂଳ ବିଧିବ୍ୟବସ୍ଥା ସମ୍ପର୍କରେ ମାର୍ଗ ଦର୍ଶନ ଦେଇଛନ୍ତି ।

ଭଦ୍ରକ ଜିଲ୍ଲା ବି.ଜେ.ପି. କାର୍ଯ୍ୟାଳୟରେ ରାଷ୍ଟ୍ରବାଦୀ, ମାନବବାଦୀ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି ।

***Gajapati/R***

## ଉତ୍କର୍ଷ କୃଷିମେଳା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଉପଖଣ୍ଡରେ ଥିବା ଗୋଷାଣୀ ବ୍ଲକ୍‌ସ୍ଥିତ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଦୁଇଦିନିଆ ଜିଲ୍ଲାସ୍ତରୀୟ ଚତୁର୍ଥ ଉତ୍କର୍ଷ କୃଷିମେଳାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଉଦ୍‌ଘାଟନ କରିଛନ୍ତି । କୃଷକମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରି ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଶ୍ରୀ ମଲ୍ଲିକ କହିଥିଲେ ।

***Desk***

## ବନକଲାଗି

ଫାଲ୍‌ଗୁନ କୃଷ୍ଣ ଦଶମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ

ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Sambalpur/R***

# ସୁଭଦ୍ରା ଶକ୍ତିମେଳା

ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା-୨୦୨୬ ଆସନ୍ତା ୧୩ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମେଳାରେ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଉଦ୍ୟୋଗୀ, କାରିଗର ଓ ଉତ୍ପାଦକମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରିବେ ।

***Bhadrak/R***

# କୃଷକ ସମାବେଶ

ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ୨୦୨୬-୨୭ ଆର୍ଥିକ ବର୍ଷପାଇଁ କେନ୍ଦ୍ର ବଜେଟ୍ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଜେଟ୍‌ରେ କୃଷିକ୍ଷେତ୍ର ଏବଂ ସବୁ ବର୍ଗର ଲୋକଙ୍କପାଇଁ ଜନକଲ୍ୟାଣ ଯୋଜନାକୁ ସାମିଲ୍ କରାଯାଇଛି ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ଶେଖର ପାଢ଼ୀ କହିଛନ୍ତି ।

*Malkangiri/R*

## ଡାହାଣୀ - ନିର୍ଯାତନା ସଚେତନତା

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଡାହାଣୀ ସନ୍ଦେହରେ ନିର୍ଯାତନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ପ୍ରତ୍ୟେକ ଗ୍ରାମରେ ମହିଳାମାନଙ୍କୁ ସଚେତନ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ କହିଛନ୍ତି ।

*Sambalpur/R*

## ଜୀବନ ପ୍ରମାଣ କେନ୍ଦ୍ର

ସମ୍ବଲପୁର ଟେଲିଫୋନ ଭବନଠାରେ କଣ୍ଟ୍ରୋଲର୍ ଅଫ୍ କମ୍ୟୁନିକେସନ ଆକାଉଣ୍ଟ୍ସ ପକ୍ଷରୁ ଜୀବନ ପ୍ରମାଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଭାରତ ସରକାରଙ୍କ ସଞ୍ଚାର ଲେଖା ବିଭାଗର ମହାନିୟନ୍ତ୍ରକ ବନ୍ଦନା ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଭାରତର ବି.ଏସ୍.ଏନ୍.ଏଲ୍. ଓ ଡି.ଓ.ଟି.ର ପେନ୍‌ସନ୍‌ଭୋଗୀ ଏଠାରେ ନିଜର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ ।

***Boudh/R***

# ଜଳ ଅର୍ପଣ ଦିବସ

ବୌଦ୍ଧ ଜିଲ୍ଲା ବୁରକଟାଠାରେ ହର୍‌ଘର୍ ଜଲ୍ ଓ ଜଳଜୀବନ ମିଶନ ଆନୁକୂଲ୍ୟରେ ଜଳ ଅର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି । ଜଳ ସଂରକ୍ଷଣ, ବିଶୁଦ୍ଧ ପାନୀୟ ଜଳର ବ୍ୟବହାର ଏବଂ ଏଥିପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

***Boudh/R***

# ମଧ୍ୟସ୍ଥତା ଅଭିଯାନ

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତେଲିବନ୍ଧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦେଶପାଇଁ ମଧ୍ୟସ୍ଥତା ଅଭିଯାନ-୨.୦ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ମଧ୍ୟସ୍ଥତା ମାଧ୍ୟମରେ ସମସ୍ୟାର ଆପୋଷ ସମାଧାନ  ସମ୍ପର୍କରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ସଚେତନ କରାଇଥିଲେ ।

***Desk***

# ଏଫ୍.ଆଇ.ଏଚ୍.

ରାଉରକେଲା ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆଜି ଭାରତ ଓ ବେଲ୍‌ଜିୟମ୍ ମଧ୍ୟରେ ଏଫ୍.ଆଇ.ଏଚ୍. ପ୍ରୋ-ଲିଗ୍ ଆଉ କିଛି ସମୟ ପରେ ଅନୁଷ୍ଠିତ ହେବ । ଗତକାଲି ଆର୍ଜେଣ୍ଟିନା ଓ ବେଲ୍‌ଜିୟମ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ବେଲ୍‌ଜିୟମ୍ ଆର୍ଜେଣ୍ଟିନାକୁ ୫-୩ ଗୋଲ୍‌ରେ ପରାସ୍ତ କରିଥିଲା ।

******